# ଦୁର୍ବଳ ଜନଜାତି ଗୋଷ୍ଠୀ ପାଇଁ ପିଏମ୍-ଜନମନ ଯୋଜନା ଶୁଭାରମ୍ଭ

ଢେଙ୍କାନାଳ,୨୩।୮(ରତନ ନାୟାର)


ସଚେତନତା ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

■୭ ବ୍ଲକର ୫୨ ପଞ୍ଚାୟତର ୨୯୧୩ ପରିବାର ଅନ୍ତର୍ଭୁକ୍ତ
■ଆଦିବାସୀଙ୍କ କଲ୍ୟାଣ ପାଇଁ ଏହାର ପରିପୁଷ୍ଟତା ଜରୁରୀ: ଜିଲାପାଳ

ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି)ମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଢେଙ୍କାନାଳ ଜିଲାରେ ଶୁଭାରମ୍ଭ ହୋଇଛି ପିଏମ୍-ଜନମନ ଯୋଜନା। ଏହି ଉପଲକ୍ଷେ ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଲେ ଯେ, ଆଦିବାସୀମାନଙ୍କ ସାମାଜିକ, ଅର୍ଥନୈତିକ କଲ୍ୟାଣ ପାଇଁ ସୂଚନା ସହିତ ଏହାର ପରିପୁଷ୍ଟତା ମଧ୍ୟ ଏକାନ୍ତ ଆବଶ୍ୟକ। ଏହାକୁ ଜନଭିମୁଖୀ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ, ବିଶେଷକରି ଅନୁସୂଚିତ ଜନଜାତି ଓ ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ପରଜଙ୍ଗ ବ୍ଲକକୁ ଛାଡ଼ି ବାକି ୭ଟି ବ୍ଲକରେ ୫୨ଟି ପଞ୍ଚାୟତର ୧୧୨ଟି ଗ୍ରାମର ୨୯୧୩ଟି ପରିବାରର ୧୦୯୩୧ଜଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ। ତେଣୁ ସମଗ୍ର ଜିଲାରେ ପିଏମ୍-ଜନମନ ଯୋଜନାକୁ କାର୍ଯ୍ୟକାରୀ କରି ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ସମସ୍ତ ଗାଁଗୁଡ଼ିକୁ ପରିପୁଷ୍ଟ କରିବା ପାଇଁ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏହି ଯୋଜନା ୨୩ ଅଗଷ୍ଟରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ। ଜିଲାରେ ମୁଖ୍ୟତଃ ଯୁଆଙ୍ଗ ଜନଜାତି ପ୍ରମୁଖ ବିଶେଷ ଭାବରେ ଅନୁନ୍ନତ ଆଦିବାସୀ ଗୋଷ୍ଠୀ ଥିବାବେଳେ ଏହି ଗୋଷ୍ଠୀମାନଙ୍କର ଜୀବନ ଜୀବିକା ଓ ଜୀବନ ଶୈଳୀକୁ ମୁଖ୍ୟ ସ୍ରୋତରେ ଆଣିବା ପାଇଁ ଯୋଜନାକୁ ସମସ୍ତ ହିତାଧିକାରୀମାନଙ୍କୁ ଘରେ ଘରେ ପ୍ରଚାର ପ୍ରସାର କରିବା ପ୍ରଶାସନର ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ। ଗ୍ରାମଗୁଡ଼ିକରେ ବ୍ଲକଗୁଡ଼ିକର ଟିମ୍ କ୍ୟାମ୍ପ କରିବେ। ମୋବାଇଲ ଭ୍ୟାନ ରହିବ। ବିଡିଓ ଏବଂ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ସମସ୍ତ ସୁବିଧା ଯୋଗାଇଦେବେ। ଯେଉଁମାନେ ମୁଖ୍ୟସ୍ରୋତରୁ ବାହାରିଯାଇଛନ୍ତି, ସେମାନଙ୍କୁ ପୁଣି ମୁଖ୍ୟସ୍ରୋତରେ ଆଣି ସାମିଲ କରିବା ପାଇଁ ଲକ୍ଷ୍ୟ ରହିଛି। ଜିଲାରେ ପିଏମ୍-ଜନମନ ଯୋଜନା ମାଧ୍ୟମରେ ୧୩ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗୁରୁତ୍ୱାରୋପ କରାଯିବ। ଏହି ଯୋଜନାର ହିତାଧିକାରୀଙ୍କ ପରିବାର ଓ ଘରଗୁଡ଼ିକୁ ସୁରକ୍ଷିତ ଆବାସ, ବିଶୁଦ୍ଧ ପାନୀୟଜଳ ଏବଂ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୋଷଣ, ବିଦ୍ୟୁତ, ସଡ଼କ, ଟେଲିକମ ଯୋଗାଯୋଗ, କୌଶଳ ବିକାଶ ଓ ଉଜ୍ଜ୍ୱଳା ଯୋଜନା ଭଳି ମୌଳିକ ସୁବିଧା ପ୍ରଦାନ କରି ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ସହିତ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରହିଛି ବୋଲି ଜିଲାପାଳ କହିଥିଲେ। ଚିହ୍ନଟ ହୋଇଥିବା ଯୋଜନାର ସମସ୍ତ ପରିବାରଙ୍କ ବର୍ତ୍ତମାନ ରାସନ କାର୍ଡ ବଣ୍ଟନ ସହିତ ଆଧାର କାର୍ଡରେ ଯେଉଁ ଅମୂଳକ ଭୁଲ ହୋଇଛି, ସେ ସମସ୍ତ କାର୍ଯ୍ୟକୁ ତୁରନ୍ତ ସଠିକ୍ କରିବା ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟ କରାଯାଉଛି। ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସନ୍ନ ପରିଡ଼ା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏ ସଂକ୍ରାନ୍ତରେ ଗୁରୁବାର ଜିଲା କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ କକ୍ଷରେ ଜିଲା ମଙ୍ଗଳ ଅଧିକାରୀ ଓ ଜିଲାର ସମସ୍ତ ପ୍ରକଳ୍ପ ପ୍ରଶାସକମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଜିଲାପାଳ ଯୋଜନାର କାର୍ଯ୍ୟକାରିତା ବିଷୟରେ ପର୍ଯ୍ୟାଲୋଚନା କରିଥିଲେ।

## କ୍ୟାବିନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ପରଜଙ୍ଗ, ୨୩।୮ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ହାତୀ ଲୁଚାଣି ଛକଠାରେ ତ୍ରିନାଥ ନାୟକଙ୍କ କେବିନରେ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। କେବିନରେ ଡିଜେଲ, ପେଟ୍ରୋଲ ବିକ୍ରି ହେଉଥିଲା। କେହି ରାଗରଖି ଏଭଳି କାଣ୍ଡ ଭିଆଇଥିବା ଅନୁମାନ କରାଯାଇଛି।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ପରଜଙ୍ଗ, ୨୩।୮ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ବସୋଇ ଗାଁ ନିକଟରେ ଶୁକ୍ରବାର ଭାରସାମ୍ୟ ହରାଇ ଏକ ବାଇକ ରାସ୍ତା କଡ଼କୁ ଓଲିପଡ଼ିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ପ୍ରିମିୟମ କୁକୁଡ଼ା କମ୍ପାନୀର କର୍ମଚାରୀ ମଧୁସୂଦନ ବେହେରା(୪୦)। ନିଜ କାର୍ଯ୍ୟସାରି ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଦେଶୀ ମଦ ଓ ବାଇକ ଜବତ, ୫ ଗିରଫ

ଢେଙ୍କାନାଳ,୨୩।୮(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭୮୦ଲିଟର ଦେଶୀମଦ ସହ ଏକ ବାଇକକୁ ଜବତ କରାଯାଇଛି। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୮ହଜାର ୫୦ ଲିଟର ମହୁଲ ପୋଚକୁ ନଷ୍ଟ କରାଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ନିରୀକ୍ଷକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଜିଲାର କଙ୍କଡାହାଡ, ଭୁବନ, ସଦର, କାମାକ୍ଷାନଗର ଆଦିରେ ଚଢ଼ାଉ କରି ମୋଟ ୭୮୦ଲିଟର ଦେଶୀ ମଦକୁ ଜବତ କରିଥିଲେ। ଏହି ଘଟଣାରେ କାଶିଆଡିହ ଗ୍ରାମର ଝୁନୁ ଦେହୁରୀଙ୍କ ସମେତ ଜଟାଧାରୀ ବେହେରା, କୃଷ୍ଣପ୍ରସାଦ ଗ୍ରାମର ଶରତ ନାଏକ, ପରଜଙ୍ଗର ଅରୁଣ ମଲିକ ଓ କଙ୍କଡାହାଡର କୁନ୍ତଳା ମହନ୍ତଙ୍କୁ ଗିରଫ କରାଯାଇଥିବା ବେଳେ କାମାକ୍ଷାନଗର ଅନନ୍ତପୁରର ତାପସ ନାୟକ ଫେରାର ଥିବା ଜଣାପଡ଼ିଛି।


ଜବତ ମଦ ଓ ମହୁଲ ପୋଚ

## ଜାତୀୟ ମହାକାଶ ଦିବସ ପାଳିତ



ଢେଙ୍କାନାଳ,୨୩।୮(ରତନ ନାୟାର)

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦର ଢେଙ୍କାନାଳ ଜିଲା ବିଜ୍ଞାନ କେନ୍ଦ୍ରରେ ଶୁକ୍ରବାର ପ୍ରଥମ ଜାତୀୟ ମହାକାଶ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ ରକେଟ୍‌ରେ ବିଭିନ୍ନ ଅଂଶ, ଗଠନ ଏବଂ କାର୍ଯ୍ୟଶୈଳୀ ସମ୍ପର୍କରେ ବୁଝାଇଥିଲେ। ଏହାପରେ ଚନ୍ଦ୍ରଯାନର ବିଜୟଯାତ୍ରା ଶୀର୍ଷକ ବିଜ୍ଞାନ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସେହିପରି ଜଳ ରକେଟ୍‌ର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ପ୍ରଫେସର ଜେଏସ୍‌କେ ଭରଦ୍ୱାଜଙ୍କ ଦ୍ୱାରା ଚନ୍ଦ୍ରକୁ ଛୁଇଁବା ସମୟରେ ଜୀବନକୁ ଛୁଇଁବା, ଭାରତର ମହାକାଶ ଗାଥା କଥାବସ୍ତୁ ଉପରେ ଏକ ଲୋକପ୍ରିୟ ବ୍ୟାଖ୍ୟାନ କରାଯାଇଥିଲା। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ କେନ୍ଦ୍ରରେ ଜନସାଧାରଣଙ୍କ ପରିଦର୍ଶନ ନିମନ୍ତେ ଚନ୍ଦ୍ରଯାନ-୩ ଉପରେ ଆଧାରିତ ଏକ ପାନେଲ ପ୍ରଦର୍ଶନ ହୋଇଥିଲା। ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ମଣ୍ଟଫୋର୍ଟ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ଆଇଆଇଏମ୍‌ସି, ସୁଲକ୍ଷଣା ଦେବୀ ଉଚ୍ଚବିଦ୍ୟାଳୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସ୍ୱାଧୀନତା ଦିବସରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁଇ ଛାତ୍ର ଯୁବ ପ୍ରତିଭା ରାଜ୍ୟସ୍ତରରେ ସମ୍ମାନିତ

ଢେଙ୍କାନାଳ,୨୩।୮(ରତନ ନାୟାର)


ସତ୍ୟପ୍ରକାଶ ସାହୁ


ଲିଟୁ ଦେହୁରୀ

ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୦ତମ ଜନ୍ମ ବାର୍ଷିକୀ ଅବସରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ତଥା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱେଚ୍ଛାସେବୀ ସଦର ବ୍ଲକ କାଇମାଟି ଗ୍ରାମର ଲିଟୁ ଦେହୁରୀ ଓ ଯୁବ ରେଡକ୍ରସ୍ (ୱାଇଆର୍‌ସି)ର ସ୍ୱେଚ୍ଛାସେବୀ ଶଙ୍କରପୁର ଗ୍ରାମର ସତ୍ୟପ୍ରକାଶ ସାହୁଙ୍କୁ ସମ୍ମାନିତ କରାଯାଇଛି। ନିଜର ଶିକ୍ଷାକ୍ଷେତ୍ର, ସାମାଜିକ ବିକାଶ ଓ ସଚେତନତାରେ ଉନ୍ନତ ପ୍ରଦର୍ଶନ ପାଇଁ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଉଭୟ ନିଜର ବଳକା ସମୟ ବାହାର କରି ଛାତ୍ର ଜୀବନରୁ ନିଜକୁ ସମାଜ ସେବାରେ ନିୟୋଜିତ କରି ଅନେକ ସାମାଜିକ ସଚେତନତା ଓ ବିକାଶମୂଳକ କାର୍ଯ୍ୟ କରିଚାଲିଛନ୍ତି, ଯାହାଦ୍ୱାରା କି ସେମାନେ ଯୁବ ବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ଭାବେ ଅଭିହିତ ହୋଇଛନ୍ତି। ଏହି ସମ୍ମାନରେ ସମ୍ମାନିତ ହୋଇ ଉଭୟ ମହାବିଦ୍ୟାଳୟ ଓ ଜିଲା ପାଇଁ ଗୌରବ ଆଣିଥିବାରୁ ଉଭୟଙ୍କୁ ମହାବିଦ୍ୟାଳୟ ପକ୍ଷରୁ ତଥା ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

## ଜାତୀୟ ସ୍ପେସ୍ ଦିବସ ପାଳିତ



ଭୁବନ, ୨୩।୮(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ଶୁକ୍ରବାର ଜାତୀୟ ସ୍ପେସ ଦିବସ ପାଳନ କରାଯାଇଛି। ସେଥିରେ କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ହରେକୃଷ୍ଣ ପଣ୍ଡା, ରସାୟନ ବିଭାଗ ଅଧ୍ୟାପକ ଡ. ସତ୍ୟନାରାୟଣ ଦାସ, ଗଣିତ ବିଭାଗ ଅଧ୍ୟାପକ ଅସିତ ସେଠୀ, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଶୁଭ୍ର ସିଲକା ଦାସ, ଶିକ୍ଷା ବିଭାଗ ଅଧ୍ୟାପକ ଅଲେଖ ଚନ୍ଦ୍ର ପାତ୍ର, ଇତିହାସ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ଜେନା, ଓଡ଼ିଆ ବିଭାଗ ଅଧ୍ୟାପକ କରୁଣାର ରାଉଳ, ଇତିହାସ ବିଭାଗ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ, ସଂସ୍କୃତ ଅଧ୍ୟାପକ ଗୌରାଙ୍ଗ ଚରଣ ମହାରଣା ଓ ବରିଷ୍ଠ କିରାଣୀ କୈଳାସ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଜାତୀୟ ସ୍ପେସ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତର ବୈଜ୍ଞାନିକମାନେ କିପରି ଚନ୍ଦ୍ରାୟନ-୩କୁ ଉଦ୍ଭାବନ କରି ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଚନ୍ଦ୍ରାୟନ-୧, ଚନ୍ଦ୍ରାୟନ-୨ ଉଦ୍ଭାବନ ସମ୍ପର୍କରେ ଆଲୋଚନା କରାଯାଇ ଛାତ୍ରୀଛାତ୍ରମାନଙ୍କ ମନରେ ବିଜ୍ଞାନ ଭାବନାକୁ ଅଗ୍ରଗତି କରାଇଥିଲେ। ଏହି ଅବସରରେ କଲେଜର +୨ ଓ +୩ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ସାଧାରଣ ଜ୍ଞାନ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଗାମୀ ବିଜ୍ଞାନ ଦିବସରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ପାଇଁ ସ୍ଥିର କରାଯାଇଥିଲା। ସେଥିରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ମଦ୍ୟପାନ କରି ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ



ଭୁବନ, ୨୩।୮(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସୁରପ୍ରତାପପୁର ନୂଆପିଟିଲେଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ମୁର୍ମୁ ଶୁକ୍ରବାର ନିଲମ୍ବିତ ହୋଇଛନ୍ତି। ରବୀନ୍ଦ୍ର ଗୁରୁବାର ବିଦ୍ୟାଳୟରେ ପାଠ ପଢ଼ାଇଲା ସମୟରେ ମଦ୍ୟପାନ କରି ଶୋଇପଡ଼ିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କୁ ଉଠାଇଥିଲେ ମଧ୍ୟ ସେ ଉଠି ନ ଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ଶିକ୍ଷକ ଏ ବିଷୟରେ ପରିଚାଳନା କମିଟିକୁ ଜଣାଇଥିଲେ। ସେଠାରେ କମିଟିର ସମସ୍ତ ସଦସ୍ୟ ଓ ଅଭିଭାବକ ପହଞ୍ଚି ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଶୁକ୍ରବାର ଭୁବନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦ୍ୱୈତ୍ୟ କୁମାର ସାମଲ ଅତିରିକ୍ତ ଶିକ୍ଷା ଅଧିକାରୀ ଓ ପରିଚାଳନା କମିଟିକୁ ଡକାଇ ଅଭିଯୋଗର ତଦନ୍ତ କରିବା ସହିତ ଶିକ୍ଷକ ରବୀନ୍ଦ୍ର ନାଥ ମୁର୍ମୁଙ୍କୁ ନିଲମ୍ବିତ କରିଥିଲେ। ପୂର୍ବରୁ ଉକ୍ତ ଶିକ୍ଷକ ଜଣଙ୍କ ବାରୁଆ ପଞ୍ଚାୟତ ମଠଖୋଲ୍ବା ବିଦ୍ୟାଳୟରେ ଏହିଭଳି ମଦ୍ୟପାନ କରି ନିଲମ୍ବିତ ହୋଇଥିଲେ ବୋଲି ଶିକ୍ଷା ଅଧିକାରୀ କହିଛନ୍ତି।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ବନ୍ୟା ଉଦ୍ଧାର କାର୍ଯ୍ୟକ୍ରମ ମକ୍‌ଡ୍ରିଲ୍



ଢେଙ୍କାନାଳ,୨୩।୮(ରତନ ନାୟାର)

କଟକ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଇନ୍ସପେକ୍ଟର ମହାବୀର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରକୋଷ୍ଠ ସହଯୋଗରେ ଗୁରୁବାର ୧୧ଟା ସମୟରେ ଢେଙ୍କାନାଳ ସହର ଉପକଣ୍ଠ ଯତନନଗର ସତ୍ୟସାଗର ପୁଷ୍କରିଣୀରେ ବନ୍ୟାକ୍ଲିଷ୍ଟ ଲୋକଙ୍କ ପୁନରୁଦ୍ଧାରର ଏକ ମକ୍‌ଡ୍ରିଲ୍ ଆୟୋଜିତ ହୋଇଥିଲା। ୮ ଏକର ପରିମିତ ଏହି ବିରାଟ ପୁଷ୍କରିଣୀରେ ଦୀର୍ଘ ଏକ ଘଣ୍ଟାର ଏହି ମକ୍‌ଡ୍ରିଲ୍‌ରେ ପାଣିରେ ବୁଡ଼ିଯାଉଥିବା ଲୋକଙ୍କ ଉଦ୍ଧାର କାର୍ଯ୍ୟ, ସେମାନଙ୍କ ପ୍ରାଥମିକ ଚିକିତ୍ସା ଏବଂ ପାଣିରେ ନିଖୋଜ ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ ବୁଡାଳିଙ୍କ ମାଧ୍ୟମରେ ସନ୍ଧାନ ଆଦିର ବାସ୍ତବଚିତ୍ର ନିଖୁଣ ଭାବେ ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫର ଡେପୁଟି କମାଣ୍ଡାଣ୍ଟ କନ୍ହେୟା ଆଦିତ୍ୟ ଯୋଗୀ ଓ ସମ୍ମାନିତ ଅତିଥି ଭାବେ ଜିଲା ଆପାତକାଳୀନ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରକୋଷ୍ଠର ପ୍ରକଳ୍ପ ସଂଯୋଜକ ସଙ୍ଗୀତା ଦାସ, ରେଡ୍‌କ୍ରସ୍‌ର ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣି, କାର୍ଯ୍ୟକାରିଣୀ ସଭ୍ୟ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଓ ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଡିଆର୍‌ଏଫ୍‌ର ସବ୍ ଇନ୍ସପେକ୍ଟର ଧନଞ୍ଜୟ କୁମାର ଓ ପଙ୍କଜ କୁଲ୍‌ବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହରର ସିମିଳିଆସ୍ଥିତ ମଧୁସୂଦନ ଆବାସିକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟତ୍ରୀ ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ, ଆଇନକୁ କଠୋର କରାଯାଉ



ଢେଙ୍କାନାଳ,୨୩।୮(ରତନ ନାୟାର)

କଲିକତାସ୍ଥିତ ଆର.ଜି କର ମେଡିକାଲ କଲେଜ ଓ ହସ୍‌ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଢେଙ୍କାନାଳ ଇନରହ୍ୱିଲ କ୍ଲବ ଆହ୍ୱାନରେ ବିଭିନ୍ନ ମହିଳା ସଂଗଠନଗୁଡ଼ିକ ପକ୍ଷରୁ ତୀବ୍ର ପ୍ରତିବାଦ କରାଯିବା ସହିତ ଏହି ଘଟଣାକୁ ନେଇ ଶୁକ୍ରବାର କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଢେଙ୍କାନାଳ, ମାରୱାଡି ମହିଳା ସମିତି, ଇଶୋ, ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସମେତ ବିଭିନ୍ନ ମହିଳା ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ସହରସ୍ଥିତ ବସଷ୍ଟାଣ୍ଡ ଟ୍ରାଫିକ ଛକ ହନୁମାନ ବାଟିକାଠାରୁ ବିଭିନ୍ନ ମହିଳା ସଂଗଠନର କର୍ମକର୍ତ୍ତା ଏବଂ ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏହି ଶୋଭାଯାତ୍ରା ଗଣେଶ ବଜାର ପର୍ଯ୍ୟନ୍ତ ଯାଇଥିଲା। ମହିଳାମାନଙ୍କ ଉପରେ ଦିନକୁ ଦିନ ଏଭଳି ଅତ୍ୟାଚାର ଓ ହିଂସା ବଢୁଥିବାରୁ କ୍ଷୋଭ ପ୍ରକାଶ କରାଯିବା ସହିତ ମହିଳା ଟ୍ରେନି ଡାକ୍ତର ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ଅଭିଯୁକ୍ତଙ୍କୁ ଫାଶି ପ୍ରଦାନ କରିବା ସହିତ ଆଇନକୁ ଅଧିକ କଠୋର କରିବା ପାଇଁ ଦାବି ହୋଇଥିଲା। ଇନରହ୍ୱିଲ କ୍ଲବର ସଭାପତି ମମତା ପୁହାଣ, ସମ୍ପାଦିକା ଆଇ ରୁପାରାଣୀ, ଅପର୍ଣ୍ଣା ରଥ, ଈଶ୍ୱରୀ ଝଁୱାର, ତୃପ୍ତି ନନ୍ଦ, ରୋଜାଲିନ ସ୍ୱାଇଁ ଓ ସସ୍ମିତା ମହାନ୍ତିଙ୍କ ସମେତ ମ୍ରିନାଲ କୁମାରୀ ସିଂହଦେଓ, ଚନ୍ଦ୍ରିକା କୁମାରୀ ସିଂହଦେଓ, ପୂର୍ବତନ ନଗରପାଳ ମୋନିକା ଶର୍ମା, ଇଶୋ ପକ୍ଷରୁ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା, ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ପକ୍ଷରୁ ସଭାପତି ରାଜେନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବିନୋଦ ଅଗ୍ରୱାଲ, ଉପସଭାପତି ମହେଶ ଅଗ୍ରୱାଲ, ରୋଟାରୀ କ୍ଲବ ପକ୍ଷରୁ କୃଷ୍ଣଚନ୍ଦ୍ର ଦେବତା, ଅଭିମନ୍ୟୁ ସାହୁ, ବିଏସ୍ ସିଂହଦେଓଙ୍କ ସମେତ ହର୍ଷବର୍ଦ୍ଧନ ସିଂହଦେଓ, ମହିଳା ଓ ବିଭିନ୍ନ ସଂଗଠନ ପକ୍ଷରୁ ବହୁ ସଦସ୍ୟା ସଦସ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଇଞ୍ଜେକ୍ସନ ନେଇ ୨୦ ଶିଶୁଙ୍କ ପାର୍ଶ୍ୱ ପ୍ରତିକ୍ରିୟା

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭିଭାବକ ଭୟଭୀତ, ଉତ୍ତେଜନା**

ଢେଙ୍କାନାଳ,୨୩।୮(ରତନ ନାୟାର)


ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ୱାର୍ଡରେ ଶିଶୁମାନେ ଚିକିତ୍ସିତ ହେଉଛନ୍ତି।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଅପରାହ୍ଣରେ ଶିଶୁ ବିଭାଗରେ ଆଣ୍ଟିବାଓଟିକ ଇଞ୍ଜେକ୍ସନ ନେଇ ବର୍ଷକରୁ ୫ବର୍ଷ ମଧ୍ୟରେ ପ୍ରାୟ ୨୦ଜଣ ଶିଶୁଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥିଲା। ଏହାକୁ ନେଇ ଶିଶୁ ୱାର୍ଡରେ ଥିବା ଅଭିଭାବକମାନେ ଭୟଭୀତ ହୋଇପଡିଥିଲେ। ଫଳରେ କିଛି ସମୟ ଧରି ୱାର୍ଡ ପରିସର ଓ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ଡା. ସଂଗ୍ରାମ କେଶରୀ ଭୋଳ, ଶିଶୁ ବିଶେଷଜ୍ଞ ସନ୍ତୋଷ ସାହୁ, ଡା. ସସ୍ମିତା ରଥ ପ୍ରମୁଖ ୱାର୍ଡକୁ ଯାଇ ଶିଶୁମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥଲେ। ଘଟଣାରୁ ଜଣାପଡିଛି ଯେ, ସାଢେ ୫ଟାରେ ପ୍ରାୟ ୨୦ଜଣ ଶିଶୁ ଆଣ୍ଟିବାଓଟିକ୍ ଇଞ୍ଜେକ୍ସନ ନେବା ପରେ ହଠାତ୍ ସେମାନଙ୍କୁ କମ୍ପ ଜ୍ୱର ଆସିବା ସହିତ ପେଟ କାମୁଡିଲା। କେତେକଙ୍କର ବାନ୍ତି, ଝାଡା ଓ ପରିଶ୍ରା ହୋଇଥିଲା। ଶିଶୁମାନଙ୍କ ଏଭଳି ଅବସ୍ଥା ଦେଖି ମାତାପିତାମାନେ ଭୟଭୀତ ହୋଇପଡିଥିଲେ। ଏହାପରେ ଡାକ୍ତରମାନେ ଶିଶୁମାନଙ୍କର ଚିକିତ୍ସା କରିଥିଲେ। ୱାର୍ଡରେ ଥିବା ଅଭିଭାବକ ତପସ୍ୱିନୀ ବେହେରା, ପ୍ରସନ୍ନ ଲେଙ୍କା ପ୍ରମୁଖ କହିଛନ୍ତି ଯେ, ଆଣ୍ଟିବାଓଟିକ ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ପ୍ରାୟ ୨୦ରୁ ୨୫ଜଣ ପିଲାଙ୍କୁ କମ୍ପ ଜ୍ୱର ଆସିବା ସହିତ ପେଟ କାମୁଡି ହୋଇ ବାନ୍ତି, ଝାଡ଼ା ହୋଇଥିଲା। କେତେକ ପିଲା ପରିଶ୍ରା କରି ପକାଇଥିଲେ। ଶିଶୁମାନେ ନିଶ୍ୱାସ ମଧ୍ୟ ନେଇପରିନଥିଲେ। ଜଣଙ୍କ ଠାରେ ଅକ୍ସିଜେନ ଲାଗିଥିଲା। ଏହାପରେ ଶିଶୁ ବିଭାଗ ବିଶେଷଜ୍ଞ ଏବଂ ଫାର୍ମାସିଷ୍ଟମାନେ ଅସୁସ୍ଥ ଶିଶୁମାନଙ୍କର ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ମେଡିକାଲ) ଡା. ସଂଗ୍ରାମ କେଶରୀ ଭୋଳ କୁହନ୍ତି ଯେ, ଏହାଏକ ମାଇନର ରିଆକ୍ସନ। ଆଣ୍ଟିବାଓଟିକ ଇଞ୍ଜେକ୍ସନ ଦେବାପରେ କିଛି ପିଲାଙ୍କ ପେଟ କାଟିବା ସହିତ କିଛି ପିଲାଙ୍କୁ ଜ୍ୱର ଭଳି ଲାଗିଥିଲା। ଇଞ୍ଜେକ୍ସନ, ଡିଷ୍ଟିଲ ୱାଟର, ସାଲାଇନ୍ କେଉଁଥିରେ ସମସ୍ୟା ଅଛି, ସେ ସମ୍ପର୍କରେ ଆମେ ଅନୁଧ୍ୟାନ କରୁଛୁ। କିଛି ସମସ୍ୟା ରହିଥିଲେ, ଏହାକୁ ବାଦ କରାଯିବ। ବର୍ତ୍ତମାନ ଶିଶୁମାନେ ସୁସ୍ଥ ଅଛନ୍ତି। ସାରାରାତି ଡାକ୍ତର ଓ ଷ୍ଟାଫ୍‌ମାନେ ଶିଶୁମାନଙ୍କ ଉପରେ ନଜର ରଖିବେ ବୋଲି ଅତିରିକ୍ତ ଜିଲା ଚିକିତ୍ସାଧିକାରୀ କହିଥିଲେ।

## ସେକ୍ସ ରାକେଟ୍ ମୁଖ୍ୟ ଗିରଫ

ଅନୁଗୋଳ, (ଜ୍ୟୋତିରଞ୍ଜନ ସାହୁ): ଅନୁଗୋଳ ଟାଉନ ପୋଲିସ ଶୁକ୍ରବାର ସେକ୍ସ ର୍ୟାକେଟ ଚଳାଇଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ଜୁନ ୨୯ରେ ମଦନମୋହନପଡ଼ାରେ ଏକ ସେକ୍ସ ର୍ୟାକେଟ ଠାବ କରାଯାଇଥିଲା। ପୋଲିସ ଚଢ଼ାଉ ବେଳେ ସେଠାରୁ ୨ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ହେଲେ ଏହି ର୍ୟାକେଟ୍‌ର ମୁଖ୍ୟ ଖସିଯାଇଥିଲେ। ଶୁକ୍ରବାର ତାଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି।

# ପାଉଡ଼ିଭୂୟାଁ ସଦସ୍ୟଙ୍କୁ କରାଯିବ ସଚେତନ

### ପାଲଲହଡ଼ାରେ ପିଏମ୍-ଜନମନର ଶୁଭାରମ୍ଭ

ଅନୁଗୋଳ, ୨୩।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ପାଲଲହଡ଼ା ବ୍ଲକରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟ ପାଉଡ଼ିଭୂୟାଁ ପିଭିଟିଜିର ସଦସ୍ୟଙ୍କ ନିମନ୍ତେ ଶୁକ୍ରବାରଠାରୁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ବିଶେଷଭାବେ ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ସେମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖି କେନ୍ଦ୍ର ସରକାର ଆରମ୍ଭ କରିଥିବା 'ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ' (ପିଏମ୍- ଜନମନ)ରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିସହ ଏକ ସଚେତନତା ରଥର ମଧ ଶୁଭାରମ୍ଭ କରାଯାଇଛି। ଅନୁଗୋଳ ଜିଲା କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ପାଉଡିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।



ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଅଧିକାରୀମାନେ କହିଥିଲେ, ପାଲଲହଡା ବ୍ଲକର ନଗିରା, ବରଡିହ, ବନ୍ଧାଭୂଇଁ, ଶିଗଡ, ପେଚାମୁଣ୍ଡି, ସଇଡା, ନମପଶି ଓ ଝାରବେଡ଼ା ପଞ୍ଚାୟତର ମୋଟ ୪୨ ଗୋଟି ରାଜସ୍ୱ ଗ୍ରାମରେ ୬ ହଜାର ୭୪୮ ଜଣ ପାଉଡିଭୂୟାଁ ଆଦିବାସୀ ସଦସ୍ୟ ବସବାସ କରୁଛନ୍ତି। ଏହି ଜନଜାତିମାନଙ୍କ ଜୀବନ ଶୈଳୀକୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଘରେ ଘରେ ପ୍ରଚାର ପ୍ରସାର କରିବା ହେଉଛି ପ୍ରଶାସନର ଲକ୍ଷ୍ୟ। ଆଧାର ପଞ୍ଜୀକରଣରୁ ବାଦ ପଡିଥିବା ୫୨୮ ଜଣ ସଦସ୍ୟଙ୍କ ଆଧାର ପଞ୍ଜୀକୃତ କରାଇବା ସହ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନା ଗ୍ରାମୀଣ ଆବାସ, ପକ୍କା ରାସ୍ତା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା, ଛାତ୍ରାବାସ ନିର୍ମାଣ, ବିଦ୍ୟୁତୀକରଣ, ପାନୀୟ ଜଳ, ଅଙ୍ଗନୱାଡି ଗୃହ ନିର୍ମାଣ, ସୌରଶକ୍ତି, ମୋବାଇଲ ଟାୱାର ନିର୍ମାଣ, ଉଜ୍ଜ୍ୱଳା ରନ୍ଧନ ଗ୍ୟାସ, ଆୟୁଷ୍ମାନ ଭାରତ, ବିଶ୍ୱକର୍ମା, ସୁକନ୍ୟା ସମୃଦ୍ଧି, ପିଏମ୍ କିଷାନ ସମ୍ମାନ ନିଧି, ମାତୃବନ୍ଦନା ଯୋଜନା ଆଦି ମାଧମରେ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବା ନିମନ୍ତେ ପ୍ରଶାସନ ତତ୍ପର। ଏହି ଅବସରରେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ପାଉଡିଭୂୟାଁ ଜନଜାତି ବସବାସ କରୁଥିବା ଅଞ୍ଚଳରେ ବୁଲି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଜିଲା ଦକ୍ଷତା ଓ ନିଯୋଜନ ଅଧିକାରୀ ଦେବାଶିଷ ସାହୁଙ୍କ ସମେତ ବିଭିନ୍ନ ଗଣମାଧମର ପ୍ରତିନିଧି ଓ ଜିଲା ମଙ୍ଗଳ ଅଧିକାରୀ, କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

## ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ଦାବି

ବଇଣ୍ଡା, ୨୩।୮ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇଁ ଠାକୁରଗଡ଼ ଥାନା ବନମାଳୀପୁରଠାରେ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଶୁକ୍ରବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ବିଧାନସଭାରେ ଦାବି କରିଛନ୍ତି। ବିଧାୟକ କହିଛନ୍ତି, ଆଠମଲ୍ଲିକ ବ୍ଲକ ପାଇଁ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟର କାମ ସମାପ୍ତ ହେଉ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ପଢ଼ିପାରୁ ନାହାନ୍ତି। ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୃତ୍ତିବାସପୁର ହାଇସ୍କୁଲରେ ଥିବା ଅତିରିକ୍ତ ଶ୍ରେଣୀଗୃହରେ ପଢୁଛନ୍ତି। କାମର ଅଗ୍ରଗତି କେତେବାଟ ଗଲା ଓ କେବେ ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଧାୟକ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଥିଲେ, ଆଦର୍ଶ ବିଦ୍ୟାଳୟ କାମ ସମାପ୍ତ ହୋଇଛି। ଖୁବ୍‌ଶୀଘ୍ର ଏହା କାର୍ଯକ୍ଷମ କରାଯିବ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଅଁରପାଳ, ୨୩।୮ (ସୁବାସ ସାହୁ)



ବଅଁରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତିଳ ସିଂହ (୮୩)ଙ୍କ ପରଲୋକ ହୋଇଯାଇଛି। ସେ ଓ୍ଵବେ ସ୍କୁଲ୍, ଗୋତମରା ସ୍କୁଲ ଓ ପିଙ୍ଗୁଆ ସ୍କୁଲରେ ଶିକ୍ଷକତା କରି ପ୍ରଧାନ ଶିକ୍ଷକ ପଦବୀରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଅତୀତରେ ଅନୁଗୋଳର ପୂର୍ବତନ ବିଧାୟକ ସନ୍ତୋଷ ପ୍ରଧାନ ଓ ଅଦ୍ୱୈତ୍ୟ ପ୍ରସାଦ ସିଂହଙ୍କ ସେ ପ୍ରିୟପାତ୍ର ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଲୋକନାଥ ସିଂହ (ନଗି), ପୁତ୍ରବଧୂ ଓ ନାତୁଣୀନାତିମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା


କୃତୀ ଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ବଇଣ୍ଡା, ୨୩।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ରୀ ସୀମାରାଣି ସାହୁ ଜିଲାସ୍ତରୀୟ ମହାବିଦ୍ୟାଳୟ ହାକାଥନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ସୀମାରାଣୀଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୀମାରାଣିଙ୍କ ଏହି ସଫଳତା ପାଇଁ ଜନତା ମହାବିଦ୍ୟାଳୟ ଜିଲାରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଥିବା ଅତିଥିମାନେ କହିଥିଲେ। ଏଥିରେ ଅଧାପକ ଅସିତ କୁମାର ଜେନା, ଶୁଭ୍ରଶଶୀ ପ୍ରଧାନ, ପ୍ରସଞ୍ଜିତ ସାହୁ, ତରଣୀ ସେନ ସାହୁ, ଚନ୍ଦ୍ର ଶେଖର ସିଂ, ପୂଜାଲକ୍ଷ୍ମୀ ସାହୁଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବଅଁରପାଳ, ୨୩।୮ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ଥାନା ନୂଆହତା ଗ୍ରାମ ବାଲିସାହିର ତିଳୋତମା ସିଂହଙ୍କ ସାପ କାମୁଡ଼ାରେ ଶୁକ୍ରବାର ମୃତ୍ୟୁ ହୋଇଛି। ତିଳୋତମା ସକାଳ ପ୍ରାୟ ୬ଟାରେ ଗୁହାଳ ସଫା କରୁଥିବା ବେଳେ ଏକ ନାଗ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଈଶ୍ୱର ଚନ୍ଦ୍ର ସିଂହ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପିର ଦାବି



ଆଠମଲ୍ଲିକ କଲେଜ ସମ୍ମୁଖରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଆଠମଲ୍ଲିକ, ୨୩।୮ (ଉଦୀପ୍ତ ପୁରୋହିତ)

ଛାତ୍ର ସଂସଦ ନିର୍ବାଚନ ଆସନ୍ତା ବର୍ଷ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିବା ପରେ ଏହାକୁ ନେଇ ଆଠମଲ୍ଲିକରେ ଛାତ୍ର ଅସନ୍ତୋଷ ବୃଦ୍ଧି ପାଉଛି। ଗତ ୬ ବର୍ଷ ଧରି ବନ୍ଦ ଥିବା ଛାତ୍ର ସଂସଦ ନିର୍ବାଚନକୁ ଚଳିତବର୍ଷଠାରୁ ପୁନର୍ବାର ଆରମ୍ଭ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଦାବି କରାଯାଇ ଶୁକ୍ରବାର ଆଠମଲ୍ଲିକ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବିଭିପି ନଗର ସଭାପତି ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ବାଘ, ଏସ୍ଏଫ୍ଏସ୍ ପ୍ରମୁଖ ପ୍ରଦ୍ୟୋତନ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଆଠମଲ୍ଲିକ କଲେଜର ବହୁ ଛାତ୍ରୀଛାତ୍ର ଏକତ୍ର ହୋଇ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ।

# ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ ଶିବିର

ବଇଣ୍ଡା, ୨୩।୮ (ପରିକ୍ଷିତ ସାହୁ)/ ଅନୁଗୋଳ (ମାନସ ବିଶ୍ୱାଳ)



କିଶୋରନଗର ବ୍ଲକ ଲୁହାମୁଣ୍ଡାର ମା' ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କିଶୋରନଗର ଓ ଆଠମଲ୍ଲିକ ବ୍ଲକ ବିଦ୍ୟାଳୟ ସମୂହ ରେଡ୍‌କ୍ରସ୍ ପରାମର୍ଶଦାତା ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରିବନ୍ଧୁ ସାହୁ, ରାଜ୍ୟ ଜୁନିଅର ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ, ଜିଲା ରେଡ୍‌କ୍ରସ୍ ଅଧିକାରୀ ଦୁର୍ଯ୍ୟୋଧନ ଗୁରୁ, ଜିଲା ସାଧନକର୍ମୀ ଜୁନିଅର ରେଡ୍‌କ୍ରସ୍ ପ୍ରମୋଦ କୁମାର ମିଶ୍ର, ବିଭୁପ୍ରସାଦ ପାଣି ଉପସ୍ଥିତ ରହି ଜୁନିଅର ରେଡ୍‌କ୍ରସ୍ ଇତିହାସ, ପ୍ରାଥମିକ ଚିକିତ୍ସା, ଏଚ୍ଆଇଭି ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା ଓ ସଡ଼କ ସୁରକ୍ଷା ସମ୍ପର୍କରେ ତାଲିମ ଦେଇଥିଲେ। ଏଥିରେ ୧୭୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରାଥମିକ ଚିକିତ୍ସାର ପ୍ରୟୋଗିକ ତାଲିମ ନେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବେହେରା, କ୍ରୀଡ଼ା ଶିକ୍ଷକ ଅରୁଣ କୁମାର ସାହୁ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କଣିହାଁ ବ୍ଲକସ୍ଥିତ ପବିତ୍ରନଗର ଉଚ୍ଚ ବିଦ୍ୟାଳୟ ପରିସରରେ ତାଳଚେର, କଣିହାଁ ଓ ପାଲଲହଡ଼ା ବ୍ଲକ ବିଦ୍ୟାଳୟ ସମୂହ ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଭାବେ ରାଜ୍ୟ ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ ୮୫ଜଣ ପରାମର୍ଶଦାତାଙ୍କୁ ପ୍ରଶିକ୍ଷିତ କରାଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀବନ୍ଧୁ ସାହୁ, ଜିଲା ରେଡ୍‌କ୍ରସ୍ ଅଧିକାରୀ ଦୁର୍ଯ୍ୟୋଧନ ଗୁରୁ ଶିବିର ପରିଚାଳନା କରିଥିଲେ। ଶିବିର ସଞ୍ଚାଳକ ଭାବେ ବରିଷ୍ଠ ସାଧନକର୍ମୀ ପ୍ରମୋଦ କୁମାର ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ।

# ଚିତ୍ରକଳା, ମୂର୍ତ୍ତିକଳା ସମ୍ପର୍କିତ କର୍ମଶାଳା

ଅନୁଗୋଳ, ୨୩।୮ (ଜ୍ୟୋତିରଞ୍ଜନ ସାହୁ)




ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଚିତ୍ରକଳା ଓ ମୂର୍ତ୍ତିକଳା ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ସେପ୍ଟେମ୍ବର ୯ ତାରିଖ ଯାଏ ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ, କର୍ମଶାଳା ପ୍ରଶିକ୍ଷକ ସତ୍ୟଭାମା ମାଝୀ, ହରିହର ସୂତାର ଓ ପ୍ରଭୁଦାନନ୍ଦ ନାଏକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଗ୍ରନ୍ଥାପାଳ ବିଭୂତି ରଞ୍ଜନ ମିଶ୍ର ପ୍ରଶିକ୍ଷକମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ମାଝୀ ଆଧୁନିକ ଶିକ୍ଷା ଓ କଳାର ଉପଯୋଗିତା ସମ୍ପର୍କରେ ମତାମତ ରଖିଥିଲେ। ପ୍ରଶିକ୍ଷକ ସୂତାର ବର୍ଜ୍ୟବସ୍ତୁରୁ କିପରି ଉପାଦେୟ ପଦାର୍ଥ ପ୍ରସ୍ତୁତ କରାଯାଇ ପରିବେଶକୁ ସ୍ୱଚ୍ଛ ତଥା ନିର୍ମଳ ରଖାଯାଇପାରିବ ସେ ବିଷୟରେ ମତପୋଷଣ କରିବା ସହ ନିଜ ଜୀବନର ଉପଲବ୍ଧି ବର୍ଣ୍ଣନା କରିଥିଲେ। ଚିତ୍ରକଳା ଶବ୍ଦ ଠାରୁ ଢେର ଅଧିକ ବର୍ଣ୍ଣନା କରିପାରେ ବୋଲି ଅଧକ୍ଷ ବରାଳ ମତଦେଇଥିଲେ। ଏହି କର୍ମଶାଳାରେ ବିଦ୍ୟାଳୟର ୪୬ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଦ୍ୟାଳୟ କଳା ଶିକ୍ଷକ ଜିତେନ୍ଦ୍ର କୁମାର ଏହି କାର୍ମଶାଳାକୁ ପରିଚାଳନା କରିବା ସହ ପିଲାମାନଙ୍କ ଉନ୍ନତିରେ ଖୁସି ଜାହିର କରିଥିଲେ। ବରିଷ୍ଠ ଶିକ୍ଷକ ଯାଦବେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ରାଜପଥ ଅବରୋଧ

ଛେଣ୍ଡିପଦା, ୨୩।୮ (ଅଜିତ ଧଳ)

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ନିଶା ଶିଳ୍ପାଞ୍ଚଳ ଥାନା କୁଦପାଳଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ କୁଦପାଳ ଗ୍ରାମର କିଶୋରୀ ନାଏକଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଉତ୍ତେଜନା ଦେଖାଦେଇଥିଲା। ସେମାନେ ରାଜପଥ ଅବରୋଧ କରିବାରୁ ପ୍ରାୟ ୫ ଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ କିଶୋରୀ ରାଜପଥରେ ଚାଲି ଚାଲି କୋଶଳାକୁ ଅପେରା ଦେଖିବା ପାଇଁ ଯାଉଥିବା ବେଳେ ଏକ ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ କିଶୋରୀଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ଜଣାପଡ଼ିବା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଓ ମୃତକଙ୍କ ସମ୍ପର୍କୀୟ ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଓ ପୋଲିସ କର୍ମଚାରୀମାନେ ପହଞ୍ଚି ବୁଝାଶୁଝା କରିବା ପାଇଁ ଉଦ୍ୟମ କରିଥିଲେ। ପରେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଭାବେ ଅକ୍ଷପାଦ ବେହେରା, କୋଶଳା ସରପଞ୍ଚ ଉଦିତ ପ୍ରଧାନ, ଗୋବିନ୍ଦ ନାଏକ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ପରେ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ୫୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ରାଜପଥ ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ନଂ. ୨୫୬/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


ରାଜପଥ ଅବରୋଧକାରୀଙ୍କୁ ବୁଝାଶୁଝା କରାଯାଉଛି।

# ରାସ୍ତା ପାର୍ଶ୍ୱରେ ଗଦା ହେଉଛି ମେଡିକାଲ ବର୍ଜ୍ୟବସ୍ତୁ

ଅନୁଗୋଳ, ୨୩।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଗଦା କରାଯାଉଛି ମେଡିକାଲ ବର୍ଜ୍ୟବସ୍ତୁ। ବିଶେଷକରି ସହରରେ ଥିବା କେତେକ ଘରୋଇ ଚିକିତ୍ସାଳୟ ଏପରି ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଆବଶ୍ୟକ ଦୃଷ୍ଟି ଦେଉ ନ ଥିବା ଆଲୋଚନା ହେଉଛି।

ଅନୁଗୋଳ ସହରରେ ଅନେକ ଘରୋଇ କ୍ଲିନିକ, ନର୍ସିଂହୋମ, ପାଥୋଲାବ ଖୋଲାଯାଇଛି। ହେଲେ ଏହି ଘରୋଇ ଚିକିତ୍ସାଳୟ ଓ ପାଥୋଲାବରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ନିୟମ ଅନୁଯାୟୀ ନଷ୍ଟ କରାଯାଉଛି କି ନାହିଁ ତାହା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତଦାରଖ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ କେତୋଟି କ୍ଲିନିକ ଓ ନର୍ସିଂହୋମ କର୍ତ୍ତୃପକ୍ଷ ଏହି ମେଡିକାଲ ଆବର୍ଜନାକୁ ରାସ୍ତାପାର୍ଶ୍ୱରେ ଗଦେଇ ଦେଉଥିବା ସହରବାସୀ କହିଛନ୍ତି। ବିଶେଷକରି ଦିନଯାକର ବାହାରୁଥିବା ବର୍ଜ୍ୟବସ୍ତୁକୁ ବିଳମ୍ବିତ ରାତିରେ ନିଆଯାଇ



ଲୁଚାଛପାରେ ରାସ୍ତା କଡ଼ରେ ପକାଇ ଦିଆଯାଉଛି। ଏହି ଆବର୍ଜନାରେ ଗଜ କପଡା, ଛୁଞ୍ଚି, ରକ୍ତଭିଜା କପଡା, ମେଡିକାଲ ଗ୍ଲୋଭ୍ସ, ସଲାଇନ ବୋତଲ ଆଦି ପଡ଼ିରହୁଥିବା ବେଳେ ତାହାକୁ ଉଠାଯାଇ ଅନ୍ୟତ୍ର ନିଆଯାଉ ନାହିଁ। ଫଳରେ ସଂକ୍ରମଣର ଆଶାଙ୍କା ସୃଷ୍ଟି ହେଉଛି। ହୁଲୁରସିଂହା ଲିଙ୍ଗରା ପୋଲ ପାଖରେ ଏପରି ଆବର୍ଜନା ଗଦା ଦେଖିବାକୁ ମିଳୁଛି। ସେହିପରି ଶିମିଳପଡା, ବଣିଆବାହାଳ, ପ୍ରଗତିନଗର, ବସ୍‌ଷ୍ଟାଣ୍ଡ ଆଖପାଖରେ ଏପରି ମେଡିକାଲ ଆବର୍ଜନା ପକାଯାଉଛି। ସରକାରୀ ନିୟମାବଳୀ ଅନୁଯାୟୀ ଏହାକୁ ନଷ୍ଟ କରାଯାଉ ନ ଥିବାବେଳେ ସଂକ୍ରମଣର ଭୟ ଥିବାରୁ ପୌରପାଳିକା ସଫେଇ କର୍ମଚାରୀମାନେ ମଧ ଉଠାଇବାକୁ ପଛଘୁଞ୍ଚା ଦେଉଛନ୍ତି। ଅନେକ ସମୟରେ ଉକ୍ତ ଆବର୍ଜନାରେ ନିଆଁ ଲଗାଇ ସେଠାରେ ପୋଡ଼ିଦିଆଯାଉଥିବାରୁ ବିଷାକ୍ତ ଗ୍ୟାସ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟପ୍ରତି କ୍ଷତି ପହଞ୍ଚାଉଥିବା ଅଭିଯୋଗ କରାଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି କହିଛନ୍ତି, ଏକ ଘରୋଇ ସଂସ୍ଥା ମେଡିକାଲରୁ ବାହାରୁଥିବା ଆବର୍ଜନା ନେଇ ଉପଯୁକ୍ତ ପ୍ରକ୍ରିୟାରେ ନଷ୍ଟ କରିଥାଏ। ଉକ୍ତ ସଂସ୍ଥା କିପରି କାର୍ଯ୍ୟ କରୁଛି ଓ ଘରୋଇ ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାକୁ ଆବର୍ଜନା ଦେଉଛନ୍ତି କି ନାହିଁ ତାହା ଅନୁଧ୍ୟାନ କରାଯିବ। ଆବର୍ଜନା ରାସ୍ତା ପାର୍ଶ୍ୱରେ ପକାଯାଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

